ଅନ୍ତରଙ୍ଗ ଆଳାପ



## ବିଶିଷ୍ଟ ଶିଶୁସାହିତ୍ୟିକ, ଗବେଷକ ଓ ଶିକ୍ଷାବିତ୍ ଡକ୍ଟର ବସନ୍ତ କିଶୋର ସାହୁଙ୍କ ସହ ଅନ୍ତରଙ୍ଗ ଆଳାପ (ଆଳାପ କରିଛନ୍ତି ବିଶିଷ୍ଟ ଗୀତିକାର ବାବାଜୀ ଚରଣ ଜେନା)

**ବା.ଜେ.: ସାହିତ୍ୟର ଏତେ ବିଭାଗ ଥାଉ ଥାଉ ଆପଣ କାହିଁକି ଶିଶୁ ସାହିତ୍ୟ ରଚନା ଓ ଗବେଷଣାରେ ମନୋନିବେଶ କଲେ ?**

ବ.କି.ସା :ଏହାର କାରଣ କେବେ ମୁଁ ଖୋଜି ନାହିଁ । ମୋର ପ୍ରଥମ ଲେଖା ହେଉଛି ଶିଶୁ ସାହିତ୍ୟ । ସେଥିପାଇଁ ବୋଧହୁଏ ଶିଶୁ ସାହିତ୍ୟ ପ୍ରତି ମୋର ଦୁର୍ବଳତା ମାନସିକ ସ୍ତରରେ ରହିଯାଇଛି । ତା ମାନେ ନୁହେଁ ଯେ ସାହିତ୍ୟର ଅନ୍ୟ ବିଭାଗରେ ମୁଁ ଲେଖନୀ ଚାଳନା କରିନାହିଁ । ମୁଁ ପ୍ରବନ୍ଧ, ଆଲୋଚନା, ଗଳ୍ପ ଓ ଆଧୁନିକ କବିତା ମଧ୍ୟ ରଚନା କରିଛି । ମାତ୍ର ବେଶୀ ସଫଳତା ଲାଭ କରିଛି ଶିଶୁ ସାହିତ୍ୟରେ । ଶିଶୁ ସାହିତ୍ୟରେ ଦୀର୍ଘ କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୱ ଲେଖନୀ ଚାଳନା କରିବା ପରେ ମୁଁ ଗବେଷଣାରେ ହାତ ଦେଲି । ସେଥିପାଇଁ ଶିଶୁ ସାହିତ୍ୟରେ ଗବେଷଣା କରିବା ପାଇଁ ଆଗ୍ରହ ପ୍ରକାଶ ପାଇଥିଲା ।

**ବା.ଜେ.: ଓଡ଼ିଆ ସାହିତ୍ୟ ସହିତ ଆପଣଙ୍କର ସମ୍ବନ୍ଧ ପ୍ରାୟ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ । ଛାତ୍ର ଜୀବନରେ ଆପଣଙ୍କର ପ୍ରଥମ ଲେଖା ଏକ ପ୍ରତିଷ୍ଠିତ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା ବୋଲି ଶୁଣିଛି । ତେବେ ସେ କବିତାର ନାମ ସହିତ ସମ୍ବାଦପତ୍ରର ନାମ କହିବେକି ?**

ବ.କି.ସା : ହଁ ,୧୯୭୨ରୁ ମୁଁ ଲେଖାଲେଖି ଆରମ୍ଭ କରି ଏ ପର୍ଯ୍ୟନ୍ତ ଅବ୍ୟାହତ ରଖିଛି । ଦଶମ ଶ୍ରେଣୀରେ ପଢ଼ିବା ସମୟରେ ମୋର ପ୍ରଥମ ଲେଖା ମାତୃଭୂମିର 'କିଶୋର ଫଉଜ' ବିଭାଗରେ ପ୍ରକାଶ ପାଇଥିଲା । ସେ କବିତାର ନାମ ଥିଲା 'ବରଷକେ ଆଜି ଆସିଛି ବସନ୍ତ'। ତାହା ପ୍ରଥମେ ୧୯୭୨ ମସିହା ମାର୍ଚ୍ଚମାସ ୧୧ ତାରିଖରେ ପ୍ରକାଶ ପାଇଥିଲା ।

**ବା.ଜେ.: ଓଡ଼ିଆ ଭାଷା ସାହିତ୍ୟର ବିକାଶ ନିମନ୍ତେ ଆପଣ ଛାତ୍ର ଜୀବନରୁ ଚେଷ୍ଟା କରି ଆସିଛନ୍ତି । ଏପରିକି କୁସୁପୁର ଭଳି ଗ୍ରାମାଞ୍ଚଳରୁ ଶିଶୁ ପତ୍ରିକାଟିଏ ୮୦ ଦଶକରେ ଆରମ୍ଭ କରି ଦୀର୍ଘ ବର୍ଷ ଧରି ତା'ର ସଂପାଦନା କରିଥିଲେ । ଏତେ ସାହସ ଓ ପ୍ରେରଣା ଆପଣ କେଉଁଠୁ ପାଇଲେ ?**

ବ.କି.ସା : ଏ ସବୁ ଅନ୍ତର୍ନିହିତ ପ୍ରତିଭାର କଥା । ପ୍ରେରଣା କେମିତି ପାଇଲି ତାହା କହିବା ସମ୍ଭବ ନୁହେଁ । ମୋର ପ୍ରଥମ ଲେଖା ପ୍ରକାଶ ପାଇବା ପରେ ବିଭିନ୍ନ ପତ୍ରପତ୍ରିକାରେ ଲେଖା ସବୁ ପ୍ରକାଶ ପାଇଲା । ହଠାତ୍ ମନରେ ଏକ ଭାବନା ଜାଗରିତ ହେଲା ଯେ ମୁଁ ମଧ୍ୟ ସମ୍ପାଦକଟିଏ ହେବି । ଏହି ଆଗ୍ରହ ହିଁ ମୋତେ ସମ୍ପାଦକ ହେବା ପାଇଁ ପ୍ରେରିତ କଲା । ଏ ଉଦ୍ୟମ ୧୯୭୩ ମସିହାରେ ମାଟ୍ରିକ ପରୀକ୍ଷା ଦେବା ବର୍ଷ ହିଁ ଆରମ୍ଭ କରିଥିଲି । ମାତ୍ର ଆର୍ଥିକ ଅସ୍ୱଚ୍ଛଳତା ପାଇଁ ସେତେବେଳେ ପତ୍ରିକା ପ୍ରକାଶ ପାଇ ପାରିଲା ନାହିଁ । ୧୯୮୦ ମସିହାରେ ଘର ପାଖରେ ପ୍ରେସ୍ ପ୍ରତିଷ୍ଠା ହେବାରୁ ମରି ଯାଇଥିବା ଇଚ୍ଛା ପୁଣି ଜାଗରିତ ହେଲା । ମୋ ସମ୍ପାଦନାରେ 'ବଗଲାବଗୁଲୀ' ଶିଶୁ ପତ୍ରିକା ପ୍ରକାଶ ପାଇ ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କଲା । ଏ ଦିଗରେ ବେଳାଭୂମି ପ୍ରେସର ମାଲିକ ନିରଞ୍ଜନ ସାହୁ ମୋତେ ଅନେକ ସାହାଯ୍ୟ କରିଥିଲେ । 'ବଗଲାବଗୁଲୀ' ପ୍ରାୟ ୪ ବର୍ଷ ଚାଲିଥିଲା। ୧୯୮୪ରେ ମୁଁ ସୁନାବେଡ଼ା ଏରୋନଟିକ୍ସ କଲେଜରେ ଯୋଗ ଦେବା ପରେ ପତ୍ରିକା ସମ୍ପାଦନା କରିବା ଆଉ ସମ୍ଭବ ହେଲା ନାହିଁ । ଫଳରେ ପତ୍ରିକାଟି ବନ୍ଦ ହୋଇଗଲା ।

**ବା.ଜେ.: ଅଧ୍ୟବସାୟ ଆପଣଙ୍କୁ ଆଜି ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଛି । ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ଆପଣ ଯେମିତି ଛାତ୍ରମାନଙ୍କର ପ୍ରିୟଭାଜନ ସେହିପରି ଜଣେ ସୃଜନଶୀଳ ସ୍ରଷ୍ଟା ଭାବେ ଆପଣ ସର୍ବତ୍ର ପରିଚିତ । ଉପକୂଳରୁ ଉପାନ୍ତ ଯାଏ ଆପଣ ପରିବ୍ୟାପ୍ତ । ଏହାର ରହସ୍ୟ ଖୋଲି କହିବେ କି ?**

ବ.କି.ସା :ସବୁ ସଫଳତାରେ ଅଧ୍ୟବସାୟ ଓ ନିଷ୍ଠା ଥାଏ । ମୋ କ୍ଷେତ୍ରରେ ତାହାହିଁ ଘଟିଥାଇ ପାରେ । ମୁଁ ଛାତ୍ରବତ୍ସଳ କି ନୁହେଁ ତା ନିଜେ ତ କହିପାରିବି ନାହିଁ । ମୁଁ କେବଳ ପିଲାମାନଙ୍କୁ ଭଲ ମଣିଷ କରିବାକୁ ଚେଷ୍ଟା କରିଛି । ପିଲାଙ୍କୁ ଠିକ୍ ବାଟକୁ ଆଣିବାକୁ ଗାଳି ଠାରୁ ଆରମ୍ଭ କରି ମାଡ଼ ମଧ୍ୟ ମାରିଛି । ତଥାପି ପିଲାଏ ମୋତେ ଭଲ ପାଆନ୍ତି । ଏହା ମୋ ଅପେକ୍ଷା ମୋର ଛାତ୍ରମାନେ ଅଧିକ କହିବେ । ସୃଜନଶୀଳ ସ୍ରଷ୍ଟା ଭାବେ ପରିଚିତ ଯାହା କହିଛନ୍ତି- ତାହା ପାଠକମାନେ ହିଁ କହିବେ । ନିଜ ଡିଣ୍ଡିମ ପିଟିବା ଲୋକ ମୁଁ ନୁହେଁ । ମୁଁ କେବଳ ସର୍ଜନା କରିଛି । ଓଡ଼ିଆ ଭାଷା ସାହିତ୍ୟକୁ

ଭଲ ପାଉଥିବା ମଣିଷ ଭାବେ ମୁଁ ମୋର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିଆସିଛି ଆଜି ପର୍ଯ୍ୟନ୍ତ । ଅବଶ୍ୟ ଉପାନ୍ତରୁ ସମତଳ ଯାଏ ସବୁଠି ମୋର ପ୍ରଶଂସକ ରହିଛନ୍ତି ତାହା ଜାଣି ମୁଁ ଖୁସି ହୁଏ ।

**ବା.ଜେ.: ଶିଶୁ ସାହିତ୍ୟକୁ ନିରୋଳା ଭାବରେ ଆପଣ ଭଲ ପାଆନ୍ତି । ଉଭୟ ସୃଜନଶୀଳତା ଓ ଗବେଷଣା କ୍ଷେତ୍ରରେ ଆପଣ ନିଜର ଏକ ସ୍ୱତନ୍ତ୍ର ସରଣୀ ସୃଷ୍ଟି କରିଛନ୍ତି । ଆପଣଙ୍କ ଶିଶୁ ସାହିତ୍ୟ କୃତି ଉପରେ ଗବେଷଣା କରି ଜଣେ ପିଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି-ଏହାର ରହସ୍ୟ କଣ ?**

ବ.କି.ସା : ଶିଶୁ ସାହିତ୍ୟକୁ ମୁଁ ନିରୋଳା ଭାବରେ ଭଲପାଏ । ଆଗରୁ କହିଛି ମୋର ଶିଶୁ ସାହିତ୍ୟ ପ୍ରତି ଦୁର୍ବଳତା ପିଲାଟି ଦିନରୁ ରହିଛି। ଶିଶୁ ସାହତ୍ୟ ସୃଷ୍ଟି, ଶିଶୁ ପତ୍ରିକା ସମ୍ପାଦନା ଓ ଶିଶୁ ସାହିତ୍ୟରେ ଗବେଷଣା ମୋତେ ଯଥେଷ୍ଟ ସମ୍ମାନ ଓ ସଫଳତା ଆଣି ଦେଇଛି ବୋଲି ମୋର ପ୍ରଶଂସକମାନେ କହିଥାଆନ୍ତି । ମୃଗନାଭିରେ ରହିଥିବା ସୁଗନ୍ଧକୁ ମୃଗ ଜାଣି ନପାରିଲା ପରି ମୋ ସଫଳତା କଥା ମୁଁ ଜାଣି ନାହିଁ । ସେ କଥା ଆପଣମାନଙ୍କ ପରି ବ୍ୟକ୍ତିମାନେ କହିବେ । ମୋ ଶିଶୁ ସାହିତ୍ୟ କୃତି ଉପରେ ଗବେଷଣା କରି ଡକ୍ଟର ସରଳା ବେହେରା ପିଏଚ୍.ଡି. ପାଇଛନ୍ତି । ତାଙ୍କର ବିଷୟ ଥିଲା 'ଓଡ଼ିଆ ଶିଶୁ ସାହିତ୍ୟକୁ ଡକ୍ଟର ବସନ୍ତ କିଶୋର ସାହୁଙ୍କ ଅବଦାନ' । ସେହିପରି ସେଣ୍ଟ୍ରାଲ ୟୁନିଭରସିଟିର ଏମ୍.ଏ ପରୀକ୍ଷାରେ କୁନା ସୁନା 'ଓଡ଼ିଆ ଶିଶୁ ସାହିତ୍ୟିକ ବସନ୍ତ କିଶୋର ସାହୁ: ଏକ ସମୀକ୍ଷା' ଶୀର୍ଷକରେ ପ୍ରାୟ ୧୦୦ ପୃଷ୍ଠାର ଏକ ନିବନ୍ଧ ରଚନା କରି ସଫଳତା ଲାଭ କରିଛନ୍ତି ।

**ବା.ଜେ.: ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆପଣ କେତେକ ସାହିତ୍ୟ ଅନୁଷ୍ଠାନ ଗଢ଼ି ଅନେକ ସାହିତ୍ୟିକ ସୃଷ୍ଟି କରିଛନ୍ତି । ଏହି ସଫଳତାର ରହସ୍ୟ କ'ଣ ?**

ବ.କି.ସା :୧୯୮୪ ମସିହାରେ ମୁଁ କୋରାପୁଟ ଆସିଲି । ସେ ସମୟରେ ସାହିତ୍ୟିକମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ମଞ୍ଚ ନଥିଲା । ପ୍ରଥମେ 'ବନଫୁଲ ସାହିତ୍ୟ ପରିଷଦ' ମାଧ୍ୟମରେ ଓ ପରବର୍ତ୍ତୀ କାଳରେ 'ଓଡ଼ିଆ ଲେଖକ-ପାଠକ ସମ୍ମେଳନର' ସଂପାଦକ ଭାବରେ ସମସ୍ତଙ୍କୁ ଗୋଟିଏ ମଞ୍ଚରେ ଏକତ୍ର କରାଇଛି । ବନଫୁଲ ଅବିଭକ୍ତ କୋରାପୁଟ ଜିଲ୍ଲାର ଏପରି ଏକ ମଞ୍ଚ ଥିଲା ଯାହାକି ସେ ସମୟରେ ନୂଆକରି ଲେଖୁଥିବା ସାହିତ୍ୟିକଙ୍କୁ ଉତ୍ସାହିତ କରୁଥିଲା । ବନଫୁଲର ଆସର, ଆଲୋଚନା ଚକ୍ର, କବି ସମ୍ମିଳନୀ ଦ୍ୱାରା ପ୍ରଭାବିତ ହୋଇ ଅନେକ ନୂତନ ସାହିତ୍ୟିକ ସୃଷ୍ଟି ହୋଇଛନ୍ତି । ସେମାନଙ୍କ ଭିତରେ ପ୍ରତିଭା ଥିଲା । ମୁଁ କେବଳ ସେଥିରେ ଇନ୍ଧନ ଯୋଗାଇ ଦେଇଥିଲି । 'ଓଡ଼ିଆ ଲେଖକ-ପାଠକ ସମ୍ମେଳନ' ମାଧ୍ୟମରେ ଉପାନ୍ତ ସହିତ ଉପକୂଳ ସାହିତ୍ୟିକମାନଙ୍କର ଯୋଗସୂତ୍ର ରକ୍ଷା କରାଇଥିଲି । ଉଭୟ ଅନୁଷ୍ଠାନ ଅନେକ ନୂତନ ସାହିତ୍ୟିକ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲା ।

**ବା.ଜେ.: ଆପଣ ଏକାଧିକ ପତ୍ରପତ୍ରିକା, ପୁସ୍ତକ ଓ ସଂକଳନ ସମ୍ପାଦନା କରି ସଫଳତା ଲାଭ କରିଛନ୍ତି । ସବୁ ଗୁଡ଼ିକ ପାଠକୀୟ ଆଦର ଲାଭ କରି ଦେଶ ବିଦେଶରେ ଆଦୃତ ହୋଇଛି । ଏହାର ରହସ୍ୟ କ'ଣ ?**

ବ.କି.ସା : ମୁଁ କାମରେ ବିଶ୍ୱାସ କରେ । କିଛି ନୂଆ ସୃଷ୍ଟି କରିବାରେ ବିଶ୍ୱାସ ରଖେ । ପତ୍ରପତ୍ରିକା, ପୁସ୍ତକ ତ ଅନେକ ସଂକଳିତ ହେଉଛି- ମୁଁ ସେଇ ଚିରାଚରିତ ପ୍ରଥାରେ ଯିବା ପାଇଁ ଆଦୌ ପ୍ରସ୍ତୁତ ନୁହେଁ । କାରଣ ମୋର ସ୍ୱତନ୍ତ୍ୟତା ରହିଲା କେଉଁଠି ? ମୁଁ ଆଜି ପର୍ଯ୍ୟନ୍ତ ପ୍ରାୟ ଅଶୀରୁ ଊର୍ଦ୍ଧ୍ୱ ପୁସ୍ତକ ଓ ପତ୍ରପତ୍ରିକା ସଂକଳିତ କରିଛି । ସବୁଗୁଡ଼ିକ କୌଣସି ନା କୌଣସି ସ୍ୱତନ୍ତ୍ର ବିଷୟ ବସ୍ତୁ ଉପରେ ଆଧାରିତ । ତେଣୁ ଗବେଷକମାନେ ମୋ ସମ୍ପାଦିତ ପତ୍ରପତ୍ରିକାକୁ ପୁସ୍ତକକୁ ଅଧିକ ଆଦର କରିଥାଆନ୍ତି । ଗୋଟିଏ ବହିରୁ ସେମାନେ ସବୁ ତଥ୍ୟ ପାଇ ଯାଆନ୍ତି । ବିଦେଶ କଥା ଯାହା କହୁଛନ୍ତି- ଭଲ ଜିନିଷର ସବୁବେଳେ ଦେଶ ବିଦେଶରେ ଆଦର ରହିଥାଏ । ଏ ଦିଗରେ ମୁଁ ଅଧିକ କଣ କହିବି ?

**ବା.ଜେ.: ଅବସର ପରେ ଆପଣ ବହୁ ଅନୁଷ୍ଠାନ ଓ ଧାର୍ମିକ ସଂସ୍ଥା ସହିତ ଜଡ଼ିତ ହୋଇ କାର୍ଯ୍ୟ କରୁଛନ୍ତି । ସମାଜ ସେବାରେ ମଧ୍ୟ ସମୟ ଦେଉଛନ୍ତି । ବୟସାଧିକ ସତ୍ତ୍ୱେ ଆପଣ ଏତେ କାମ କିପରି ଏକା ସଙ୍ଗରେ କରି ପାରୁଛନ୍ତି ।**

ବ.କି.ସା : ଅବସର ମୋ ପାଇଁ ମୁକ୍ତ ଜୀବନ । ଚାକିରିର ଶୃଙ୍ଖଳା ଏଥିରେ ନଥାଏ । ନିଜର ମତ ଓ ଚିନ୍ତାଧାରାକୁ ବ୍ୟକ୍ତ କରିବାର ସମ୍ପୂର୍ଣ୍ଣ ସୁଯୋଗ ମୋତେ ଅବସର ପରେ ହିଁ ମିଳିଛି । ମିଳୁଥିବା ସମୟକୁ ଭାଗବାଣ୍ଟ କରି ସମାଜର ଉନ୍ନତି, ଲୋକମାନଙ୍କର ପ୍ରଗତି ଆଦି ବିଭିନ୍ନ ଦିଗରେ କାର୍ଯ୍ୟ କରିବାରେ ବିନିଯୋଗ କରୁଛି । ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ । ମନ ଥିଲେ ସବୁ ସହଜ ମଧ୍ୟ ହୋଇଥାଏ । ଧାର୍ମିକ ଅନୁଷ୍ଠାନ କଥା ଯାହା କହିଛନ୍ତି- ମୁଁ ଜଗନ୍ନାଥଙ୍କୁ ଭକ୍ତି କରୁଥିବାରୁ ବିଭିନ୍ନ ସ୍ଥାନରେ ଜଗନ୍ନାଥ ସଂସ୍ଥା ସହିତ ଜଡ଼ିତ । ବ୍ୟସ୍ତ ବହୁଳ ଜୀବନରେ ସମୟକୁ ବାଣ୍ଟି ମୋତେ କାର୍ଯ୍ୟ କରିବାକୁ ପଡିଥାଏ । ନିଜ ଗ୍ରାମରେ ଦୀର୍ଘ ୪୦ ବର୍ଷ ହେଲା ଅବହେଳିତ ହୋଇ ପଡି ରହିଥିବା ଜଗନ୍ନାଥ ମନ୍ଦିରକୁ ଏବେ ଗ୍ରାମବାସୀଙ୍କ ସହିତ ମିଶି ପୁନ୍ନରୁଦ୍ଧାର କରିପାରିଛି । ଲୋକଙ୍କ ଭିତରେ ଧାର୍ମିକ ଭାବନା ଧୀରେ ଧୀରେ ବୃଦ୍ଧି ପାଉଛି ।

**ବା.ଜେ.: ବହୁ ପୁସ୍ତକର ସ୍ରଷ୍ଟା ଆପଣ । ଏବେ ଫେସ୍‌ବୁକରେ ପ୍ରତିଦିନ 'ଫଟୋ ଆପଣଙ୍କର ଗୀତ ମୋର' ଶୀର୍ଷକରେ ନୂଆ ନୂଆ ଗୀତ ଓ ଫଟୋ ଅପ୍‌ଲୋଡ଼ କରି ପାଠକ ମହଲରେ ଆଦୃତି**

**ଲାଭ କରିଛନ୍ତି । ଏହି ଚିନ୍ତା ଆପଣଙ୍କ ମନକୁ କିପରି ଆସିଲା କହିବେକି ?**

ବ.କି.ସା : ଯୁଗ ବଦଳି ଗଲାଣି । ପାରମ୍ପରିକ ପଦ୍ଧତିରେ ପୁସ୍ତକ ଓ ପତ୍ରପତ୍ରିକାରେ ପ୍ରକାଶିତ ଲେଖାକୁ ପାଠକ କିଣି ପଢ଼ିଥାଏ । ଏଥିପାଇଁ ବହୁତ ସମୟ ଦରକାର । ମାତ୍ର, ଆଜିର ଇଣ୍ଟରନେଟ୍ ଯୁଗରେ ସବୁ କାମ ସହସା ହୋଇଯାଉଛି । ଯାହା ମୁଁ ଲେଖୁଛି ତାକୁ ସଙ୍ଗେ ସଙ୍ଗେ ଅପଲୋଡ଼ କରିଦେଲେ ତାହା ସଙ୍ଗେ ସଙ୍ଗେ ଫେସ୍‌ବୁକ୍ ବ୍ୟବହାର କରୁଥିବା ପାଠକମାନଙ୍କ ନିକଟରେ ପହଞ୍ଚି ଯାଉଛି । ଏହା ପାଠକମାନଙ୍କ ଦ୍ୱାରା ଆଦୃତ ମଧ୍ୟ ହେଉଛି । ସବୁଦିନ ନୂଆ ନୂଆ ବିଷୟ ଉପରେ ଲେଖା ଲେଖାଯାଉଥିବାରୁ ପାଠକମାନଙ୍କର ଆଗ୍ରହ ମଧ୍ୟ ବୃଦ୍ଧି ପାଉଛି । ପାଠକମାନଙ୍କ ନିକଟରେ କିପରି ଶୀଘ୍ର ଲେଖା ପହଞ୍ଚିବ ଏହି ଚିନ୍ତାଧାରା ରୁ ଏହି କାର୍ଯ୍ୟକ୍ରମ ମୁଁ ଆରମ୍ଭ କରିଛି ।

**ବା.ଜେ.: ଓଡ଼ିଆ ବ୍ୟତୀତ ଆପଣଙ୍କର କେତେକ ପୁସ୍ତକ ମଧ୍ୟ ଅନ୍ୟ ଭାଷାରେ ଅନୁବାଦିତ ହୋଇ ପ୍ରକାଶ ପାଇଛି । ସେ ସମ୍ପର୍କରେ କିଛି କହିବେକି ?**

ବ.କି.ସା : ହଁ , ମୋର 'ଅଗଡ଼ବଗଡ଼ ଝାଇଁକି ଝୁମ୍ପା'(ଶିଶୁ କବିତା ପୁସ୍ତକଟି) ଉଭୟ ହିନ୍ଦୀ ଓ ବଙ୍ଗଳା ଭାଷାରେ ଅନୁବାଦିତ ହୋଇ ପ୍ରକାଶ ପାଇଛି । ହିନ୍ଦୀରେ ଏହି ବହିର ନାମ 'ଭାଇତୋ ଭାଇ' ରଖାଯାଇଥିବା ବେଳେ ବଙ୍ଗଳାରେ 'ଏକଟି ଚାନ୍ଦ ଅନେକ ତାରେ' ରଖାଯାଇଛି । ଅନ୍ୟ ତିନୋଟି ବହି ମଧ୍ୟ ଇଂରାଜୀରେ ପ୍ରକାଶ ପାଇଛି ।

**ବା.ଜେ.: ସୁନାବେଡ଼ା ଓ କୋରାପୁଟ ଆପଣଙ୍କୁ କଅଣ ଦେଇଛି ?**

ବ.କି.ସା : ଜନ୍ମମାଟି କୁସୁପୁରରେ ଆରମ୍ଭ ହୋଇଥିବା ସାହିତ୍ୟ ଯାତ୍ରା ସୁନାବେଡ଼ାରେ ପରିପକ୍ୱତା ଲାଭ କରିଛି । ସୁନାବେଡ଼ା ମୋତେ ଅନେକ କିଛି ଦେଇଛି । ତାର ପାଣି, ପବନ, ପରିବେଶ ମୋ କଳ୍ପନାରେ ରଙ୍ଗ ଲଗେଇ ଦେଇଛି । ଏଇଠି ମୁଁ ଲେଖିଛି ମୋର ଅନେକ ପୁସ୍ତକ । ଏଇଠି ମୁଁ ସାହିତ୍ୟ ସଂଗଠନ ଗଢ଼ି ସାହିତ୍ୟିକ ସୃଷ୍ଟି କରିଛି । ଗବେଷଣା କରି ନିଜେ ସଫଳ ହେବା ସହିତ ମୋ ଅଧୀନରେ ଅନେକ ଗବେଷଣା କରି ସଫଳତା ମଧ୍ ଲାଭ କରିଛନ୍ତି । ସୁନାବେଡ଼ାରେ ୨୯ ବର୍ଷ ରହଣି କାଳରେ ମୁଁ ଅନେକ କିଛି ଓଡ଼ିଆ ସାହିତ୍ୟକୁ ପ୍ରଦାନ କରିଛି ।

**ବା.ଜେ.: ଆପଣଙ୍କ ଜନ୍ମସ୍ଥାନ କୁସୁପୁର ସମଗ୍ର ଓଡ଼ିଶାରେ ପରିଚିତ ଓ ପ୍ରତିଷ୍ଠିତ ଗ୍ରାମ । ସେଥିପାଇଁ ଆପଣ ଗ୍ରାମମନସ୍କ ହୋଇ ଗାଆଁରେ ଅବସ୍ଥାନ କରୁଛନ୍ତି । ଗାଆଁକୁ ନେଇ ଆପଣଙ୍କ ଅନୁଭବ କିଛି କହିବେ କି ?**

ବ.କି.ସା : କୁସୁପୁର ଏକ ସଂସ୍କୃତି ସମ୍ପନ୍ନ ଓ ସାହିତ୍ୟିକମାନଙ୍କର ଜନ୍ମପୀଠ । ଏଠି ପଲ୍ଲୀକବି ନନ୍ଦକିଶୋର ବଳ, ଶିଳ୍ପୀଗୁରୁ ବିଦ୍ୟାଧର ବର୍ମା, ଶିଶୁ ସାହିତ୍ୟିକ ନନ୍ଦକିଶୋର ସାମଲଙ୍କ ଠାରୁ ଆରମ୍ଭ କରି କବି ଜ୍ଞାନୀନ୍ଦ୍ର ବର୍ମା, ଔପନ୍ୟାସିକ ରାଜେନ୍ଦ୍ର ବର୍ମା, ଲବଙ୍ଗଲତା ଦେବୀ ବିଦୂଷୀ, ପ୍ରଗତିବାଦୀର ସମ୍ପାଦକ ପ୍ରଦ୍ୟୁମ୍ନ କିଶୋର ବଳ ଆଦି ଜନ୍ମଗ୍ରହଣ କରି ଏ ମାଟିକୁ ଧନ୍ୟ କରିଛନ୍ତି । ସେଇମାନଙ୍କ ପ୍ରତିଭା ମୋତେ ଗ୍ରାମମନସ୍କ କରିଛି । ଅବସର ପରେ ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପରିହାର କରି ମୁଁ ଗାଆଁରେ ବାସ କରୁଛି । ଗାଆଁ ଲୋକଙ୍କ ସୁଖ ଦୁଃଖରେ ଭାଗୀଦାର ହୋଇ କିଛି ସେବା କରିବାର ସୁଯୋଗ ମିଳୁଛି । ତାହାହିଁ ମୋ ପାଇଁ ଗୌରବର ବିଷୟ ।

**ବା.ଜେ.: ଆପଣ ଜଣେ ନିରଳସ ସାଧକ । ସମ୍ମାନ ପଛରେ ନଗୋଡ଼ାଇ ଆପଣ ରାଶିରାଶି କବିତା ସୃଷ୍ଟି କରି ଚାଲିଛନ୍ତି ନିରବଚ୍ଛିନ୍ନ ଭାବରେ । ତାହା କ'ଣ ଆପଣଙ୍କୁ ଆନନ୍ଦ ଦିଏ ?**

ବ.କି.ସା : ହଁ, ମୁଁ ଭାବେ ପ୍ରତିଭା ଥିଲେ ଆପେ ଆପେ ତାହା ଫୁଟି ଉଠିବ । ତା ପାଇଁ ସମ୍ମାନ ଓ ସମ୍ବର୍ଦ୍ଧନାର ଆବଶ୍ୟକତା ନାହିଁ । ପ୍ରାଚୀନ କାଳରେ ଏତେ ସମ୍ବର୍ଦ୍ଧନା ଓ ସମ୍ମାନ ନଥିଲା । ପାଠକର ପ୍ରଶଂସା ହିଁ ସ୍ରଷ୍ଟାର ସବୁଠୁ ବଡ଼ ସମ୍ମାନ ।

**ବା.ଜେ.: ସାହିତ୍ୟ ସମ୍ପର୍କରେ ଆପଣଙ୍କ ଅଭୁଲା ସ୍ମୃତି କିଛି କହିବେ କି ?**

ବ.କି.ସା : ସାହିତ୍ୟକୁ ନେଇ ଅନେକ ଅଭୁଲା ସ୍ମୃତି ମୋର ରହିଛି । ତେବେ ମୋର ପ୍ରଥମ ଲେଖା ଯେତେବେଳେ ୧୪ ବର୍ଷ ବେଳେ ମାତୃଭୂମିର କିଶୋର ଫଉଜରେ ପ୍ରକାଶ ପାଇଲା ଓ ମୋତେ ଯେଉଁଦିନ କିଶୋରଶ୍ରୀ ଉପାଧି ଦିଆଗଲା ସେ ସ୍ମୃତି ଏବେବି ମୋ ମନରେ ଜୀବନ୍ତ ହୋଇ ରହିଛି ।

**ବା.ଜେ.: ଆଗାମୀ ପିଢ଼ିର ସାରସ୍ୱତ ସାଧକଙ୍କୁ ଆପଣଙ୍କର ବାର୍ତ୍ତା କ'ଣ ?**

ବ.କି.ସା : କଳ୍ପନା ଅପେକ୍ଷା ବାସ୍ତବ କଥାକୁ ନେଇ ସାହିତ୍ୟ ସୃଷ୍ଟି କରାଯାଉ । ପୁରସ୍କାର ଓ ସମ୍ବର୍ଦ୍ଧନା ପଛରେ ନ ଗୋଡ଼ାଇ ନିରବଚ୍ଛିନ୍ନ ଭାବରେ ସାଧନା ଅବ୍ୟାହତ ରଖିଲେ ଦିନେନା ଦିନେ ସଫଳତା ମିଳିବ । ସାଧନା ଅବ୍ୟାହତ ରଖ । ଅଧିକ ପଢ଼ ଓ କମ୍ ଲେଖ । ଲେଖିବା ପୂର୍ବରୁ ନିଜର ଶବ୍ଦ ଭଣ୍ଡାର ବୃଦ୍ଧି ଦିଗରେ ଯତ୍ନବାନ ହୁଅ ।

**ବା.ଜେ.: ନମସ୍କାର । ଆପଣଙ୍କର ମୂଲ୍ୟବାନ ସମୟରୁ କିଛି 'ଆମରି ସତ୍ୟ' ପାଇଁ ଦେଇଥିବାରୁ ମୁଁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ଜଣାଉଛି ।**

ବ.କି.ସା : ନମସ୍କାର । ରହୁଛି ।